# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper


₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2025 FEBRUARY | No.12

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୨୧:୨୨–୩୧)

୨୨ ଜ୍ଞାନୀ ଲୋକ ବଳବାନର ନଗରରେ ଚଢ଼ି ପ୍ରବେଶ କରେ, ପୁଣି ତହିଁର ସାହସଦାୟୀ ବଳ ତଳକୁ ଆଣେ ।

୨୩ ଯେ ଆପଣା ମୁଖ ଓ ଜିହ୍ୱା ରକ୍ଷା କରେ, ସେ କ୍ଳେଶରୁ ଆପଣା ପ୍ରାଣ ରକ୍ଷା କରେ ।

୨୪ ଅହଙ୍କାରୀ ଓ ଦାମ୍ଭିକ ଲୋକ ନିନ୍ଦକ ନାମରେ ବିଖ୍ୟାତ, ସେ ଅହଙ୍କାରର ଗାରିମାରେ କର୍ମ କରେ ।

୨୫ ଅଳସୁଆର ବାଞ୍ଛିତ ବିଷୟ ତାହାର ମୃତ୍ୟୁ ଘଟାଏ ; କାରଣ ତାହାର ହସ୍ତ କର୍ମ କରିବାକୁ ନାସ୍ତି କରେ ।

୨୬ କେହି କେହି ଦିନଯାକ ଅତ୍ୟନ୍ତ ଲୋଭ କରନ୍ତି ; ମାତ୍ର ଧାର୍ମିକ ଲୋକ ଦାନ କରେ, କାତର ହୁଏ ନାହିଁ ।

୨୭ ଦୁଷ୍ଟମାନଙ୍କର ବଳିଦାନ ଘୃଣାର ବିଷୟ, ମାତ୍ର ସେ କୁଅଭିପ୍ରାୟରେ ଆଣିଲେ ତାହା କେତେ ଅଧିକ ଘୃଣିତ ।

୨୮ ମିଥ୍ୟାସାକ୍ଷୀ ବିନଷ୍ଟ ହେବ ; ମାତ୍ର ଯେଉଁ ଲୋକ ଶୁଣେ, ସେ ଅଖଣ୍ଡ୍ୟ କଥା କହିବ ।

୨୯ ଦୁଷ୍ଟ ଲୋକ ଆପଣା ମୁଖ କଠିନ କରେ, ମାତ୍ର ସରଳ ଲୋକ ଆପଣା ବାଟ ସୁସ୍ଥିର କରେ ।

୩୦ ସଦାପ୍ରଭୁଙ୍କ ବିରୁଦ୍ଧରେ କୌଣସି ଜ୍ଞାନ କି ବୁଦ୍ଧି କି ମନ୍ତ୍ରଣା ନାହିଁ ।

୩୧ ଯୁଦ୍ଧ ଦିନ ପାଇଁ ଅଶ୍ୱ ସୁସଜ୍ଜିତ ହୁଏ ; ମାତ୍ର ଜୟ ସଦାପ୍ରଭୁଙ୍କଠାରୁ ହୁଏ ।



## ଜିତିବା ପାଇଁ ଦୌଡ଼ନ୍ତୁ



### RUN TO WIN!

ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ



ଏହାଥିଲା ୧୯୮୬ ଏସିଆନ୍ କ୍ରୀଡ଼ା ଓ ଶିଓଲରେ ୮୦୦ ମିଟର ଅନ୍ତିମ ଖେଳ ଆରମ୍ଭ ହେବାକୁ ଯାଉଥିଲା । (ହୁଏତ ଆପଣମାନଙ୍କ ମଧ୍ୟରୁ କେତେଜଣ ଜନ୍ମ ହୋଇ ନ ଥିଲେ) । ସମଗ୍ର ଦେଶ ଉତ୍ସାହିତ ଥିଲା ଓ ଭାରତର ଜଣେ ଅତି ଦକ୍ଷ ଖେଳାଳୀ, ସାଇନୀ ଅବ୍ରହାମ୍‌ଙ୍କ ଜିତିବା ଆଶାରେ ସମସ୍ତେ ଆଗ୍ରହର ସହିତ ଚାହିଁ ରହିଥିଲେ । ସେ ନିଶ୍ଚୟ ସ୍ୱର୍ଣ୍ଣପଦକ ଜିତିବେ ବୋଲି ଲୋକମାନେ ଆଶା କରୁଥିଲେ ।

ଯେତେବେଳେ ସାଇନୀ ପ୍ରଥମେ ଶେଷ ସୀମାକୁ ଅତିକ୍ରମ କଲେ, ସେତେବେଳେ ପ୍ରତ୍ୟେକ ଭାରତୀୟ ଅବର୍ଣ୍ଣନୀୟ ଗର୍ବ ଓ ଆନନ୍ଦ ଅନୁଭବ କରିଥିଲେ । ସମଗ୍ର ଦେଶର ଗୃହଗୁଡ଼ିକରୁ ଆନନ୍ଦ ଧ୍ୱନି ପ୍ରତିଧ୍ୱନିତ ହୋଇଥିଲା । କିନ୍ତୁ, ସେହି ଉତ୍ସାହ କ୍ଷଣସ୍ଥାୟୀ ଥିଲା । କିଛି କ୍ଷଣ ପରେ, ଅତି ଶୀଘ୍ର ନିଜର ରେଖା ବଦଳାଇ ଦେଇଥିବାରୁ ସାଇନୀ ଅଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଘୋଷଣା କରାଯାଇଥିଲା ।

ଦେଶର ସାମୂହିକ ଆନନ୍ଦ ହୃଦାଘାତରେ ପରିଣତ ହୋଇଥିଲା । ସାଇନୀଙ୍କର କଠିନ ପରିଶ୍ରମ, ଦୃଢ଼ତା ଓ ଅବିଶ୍ରାନ୍ତ ପ୍ରଚେଷ୍ଟା ତାଙ୍କର ଯୋଗ୍ୟ ବିଜୟ ହାସଲ କରିବା ପାଇଁ ଯଥେଷ୍ଟ ନ ଥିଲା । ଏହା କେବଳ ସାଇନୀଙ୍କ ପାଇଁ ନୁହେଁ, ମାତ୍ର ତାଙ୍କୁ ପ୍ରଶଂସା କରୁଥିବା ଓ ତାଙ୍କଠାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ବିଧ୍ୱଂସକାରୀ ଆଘାତ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ


ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**''ଆମ୍ଭେ ଅବଶ୍ୟ ତୁମ୍ଭକୁ ଆଶୀର୍ବାଦ କରିବା ଓ ତୁମ୍ଭ ବଂଶର ଅତିଶୟ ବୃଦ୍ଧି କରିବା'' (ଏବ୍ରୀ ୬:୧୪) ।**

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଉଷ୍ଣ ଅଭିବାଦନ ।*

*ଆମେ ନୂତନ ବର୍ଷ ୨୦୨୫ରେ ପ୍ରବେଶ କରୁଥିବା ସମୟରେ, ଆସନ୍ତୁ, ଆମେ ଈଶ୍ୱରଙ୍କର ପ୍ରଚୁର ଅନୁଗ୍ରହ ଓ ବିଶ୍ୱସ୍ତତା ନିମନ୍ତେ ତାଙ୍କୁ ଗୌରବ ଦେବା । ତାଙ୍କ ପବିତ୍ର ନାମର ପ୍ରଶଂସା ହେଉ ।*

*ଆପଣମାନେ କିପରି ଅଛନ୍ତି ? ମୁଁ ଆଶା କରୁଛି ଯେ ଏହି ବାର୍ତ୍ତା ପାଇବା ସମୟରେ ଆପଣମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ଥିର ବିଶ୍ୱାସରେ ରହିଥିବେ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଦେଇଥିବା ଅସଂଖ୍ୟ ଆଶୀର୍ବାଦ ନିମନ୍ତେ ଆମକୁ ତାଙ୍କ ପ୍ରତି କୃତଜ୍ଞ ରହିବାକୁ ହେବ । ଏହି ପ୍ରଭାତରେ, ମୁଁ ଆପଣମାନଙ୍କର ଆତ୍ମିକ, ଶାରୀରିକ ଓ ମାନସିକ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରୁଅଛି ।*

*ମୋ' ନିକଟରେ ଗଭୀରଭାବେ ପ୍ରତିଧ୍ୱନିତ ହେଉଥିବା ଏକ ସ୍ୱର୍ଗୀୟ ବାର୍ତ୍ତାକୁ ଜଣାଇବା ପାଇଁ ମୁଁ ଚାଳନା ଅନୁଭବ କରୁଅଛି ।*

## ଶାସ୍ତି ଦେବା ଦଣ୍ଡ ଦେବା ନୁହେଁ

*ଯେତେବେଳେ ଆମେ ଈଶ୍ୱରଙ୍କ ଉଦ୍ଧାରକୁ ସଂପୂର୍ଣ୍ଣ ଭାବରେ ସ୍ୱୀକାର କିମ୍ବା ପ୍ରଶଂସା ନ କରି ଏହାର ଅନୁଭୂତିକୁ ପାଇ ଚାଲିଥାଉ, ସେତେବେଳେ ଆମେ ହୁଏତ ଆତ୍ମ ସନ୍ତୁଷ୍ଟ ହୋଇଯାଉ । ଗର୍ବ ଗୁପ୍ତ ଭାବରେ ଆମ ହୃଦୟ ମଧ୍ୟରେ ପ୍ରବେଶ କରେ ଓ ଈଶ୍ୱରଙ୍କ ଉପରେ ଆମର ନିର୍ଭରଶୀଳତା ଓ ତାଙ୍କ ପ୍ରତି କୃତଜ୍ଞତାକୁ ହ୍ରାସ କରିଦିଏ । ଈଶ୍ୱର ତାଙ୍କ ପ୍ରେମରେ ଆମକୁ ସଂଶୋଧନ କରିବା ପାଇଁ ଓ ଚାଳନା ଦେବା ପାଇଁ ଭର୍ତ୍ସନା କରିପାରିନ୍ତି ।*

*ଯେତେବେଳେ କେବଳ ଭର୍ତ୍ସନା ପରିବର୍ତ୍ତନ ଆଣେ ନାହିଁ, ସେତେବେଳେ ଈଶ୍ୱର ହୁଏତ ଆମକୁ ତାଙ୍କର ଅଧିକ ନିକଟବର୍ତ୍ତୀ କରିବା ପାଇଁ ଓ ଆମକୁ ନମ୍ର କରିବା ପାଇଁ କଷ୍ଟର ସମୟକୁ ଅନୁମତି ଦେଇପାରନ୍ତି । ଗୀତରଚକ ଗୀତସଂହିତା ୧୧୯:୭୫ରେ ଏହି ପ୍ରକାର କଷ୍ଟକୁ ଉଲ୍ଲେଖ କରିଛନ୍ତି – ଏକ ଦଣ୍ଡ ଭାବରେ ନୁହେଁ, ମାତ୍ର ଆମେ ଯେପରି ପଥଭ୍ରଷ୍ଟ ହେବୁ ନାହିଁ, ଏଥିପାଇଁ ଏକ ପ୍ରେମ ପୂର୍ଣ୍ଣ ଶାସନ ଭାବରେ ।*

*ଈଶ୍ୱରଙ୍କ ଚରିତ୍ର ପ୍ରେମରେ ଓ ବିଶ୍ୱସ୍ତତାରେ ରୋପିତ ହୋଇଛି । ତାଙ୍କର ବିଶ୍ୱସ୍ତତା ସ୍ଥିର ଓ ଅଟଳ ସମର୍ପଣକୁ ସୂଚିତ କରେ । ଈଶ୍ୱର ମନୁଷ୍ୟମାନଙ୍କ ପରି ଅତ୍ୟାଚାର କରି ପ୍ରତିଶୋଧ ନିଅନ୍ତି ନାହିଁ । ଏହା ପରିବର୍ତ୍ତେ, ସେ ତାଙ୍କ ପ୍ରେମରେ ସୁସଂଗତ ଥାଆନ୍ତି । କଷ୍ଟକୁ ଅବାଧ୍ୟତାର ଦଣ୍ଡ ଭାବରେ ଅର୍ଥାନ୍ତର କରନ୍ତୁ ନାହିଁ । ଦଣ୍ଡ ଈଶ୍ୱରଙ୍କଠାରୁ ଦୂରକୁ ଚାଲି ଯାଇଥିବା ଲୋକମାନଙ୍କ ପାଇଁ ସଂରକ୍ଷିତ ଅଟେ, ମାତ୍ର ତାଙ୍କର ଯେଉଁ ସନ୍ତାନମାନେ କିଛି ସମୟ ପାଇଁ ପଥ ଭ୍ରଷ୍ଟ ହୋଇଥାଆନ୍ତି, ସେମାନଙ୍କ ପ୍ରତି ପ୍ରେମ ଯୋଗୁ ଶାସ୍ତି ଆସିଥାଏ ।*

*ଈଶ୍ୱର କ୍ରୋଧ ଯୋଗୁ ନୁହେଁ ମାତ୍ର ତାଙ୍କର ସନ୍ତାନମାନେ ଯେପରି ବୃଦ୍ଧି ପାଇବେ ଓ ଉନ୍ନତି କରିବେ, ଏହା ଦେଖିବା ପାଇଁ ଏକ ଗଭୀର ଇଚ୍ଛା ଯୋଗୁ ଶାସ୍ତି ଦିଅନ୍ତି । ଏହା ବୁଝିବା ଦ୍ୱାରା ଆମେ ଏକ କୃତଜ୍ଞ ହୃଦୟ ଓ ଏକ ଯଥାର୍ଥ ମନୋଭାବର ସହିତ ଶାସ୍ତିକୁ ଗ୍ରହଣ କରିପାରୁ । ଯୋଷେଫ ସେହିପରି ଜଣେ ବ୍ୟକ୍ତିଙ୍କର ଏକ ବଡ଼ ଦୃଷ୍ଟାନ୍ତ ଅଟନ୍ତି ଯିଏ ସଠିକ୍ ଦୃଷ୍ଟିକୋଣ ସହିତ କଷ୍ଟକୁ ଗ୍ରହଣ କରିଥିଲେ (ଆଦିପୁସ୍ତକ ୫୦:୧୫–୨୧) ।*

**''ହେ ସଦାପ୍ରଭୋ, ମୁଁ ଜାଣେ, ତୁମ୍ଭ ଶାସନସକଳ ଧର୍ମମୟ, ପୁଣି ତୁମ୍ଭେ ବିଶ୍ୱସ୍ତ ଭାବରେ ମୋତେ ଦୁଃଖ ଦେଇଅଛ'' (ଗୀତସଂହିତା ୧୧୯:୭୫) ।**

*ଈଶ୍ୱର ଆପଣମାନଙ୍କୁ ପ୍ରଚୁର ଭାବରେ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍ଭାରାଜ

(+91) 98412 71858 / 98410 71858, E.mail : sam@echoofhiscall.org

Our Ministries: ECHO OF HIS CALL Monthly Magazines (16 languages) ✿ BIBLECOR - Postal Courses (3 languages) ✿ YouTube Ministry ✿ Online Courses ✿ Theological Correspondence Courses (2 languages) ✿ Church Planting ✿ Nehemiah Bible Colleges ✿ Gospel Printing Press ✿ Great Commission Partners ✿ St. Paul's Matriculation School ✿ Crusades ✿ Community Development

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

**ଆହ୍ୱାନର ପ୍ରତିଧ୍ୱନି** ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଥିଲା । ଏପରିକି, ଆଜି ମଧ୍ୟ ଯେତେବେଳେ ମୁଁ ସେହି ସମୟଟି ବିଷୟରେ ଚିନ୍ତା କରେ, ସେତେବେଳେ ମୋର ହୃଦୟ ସେହି ଖେଳାଳୀ ସାଇନୀଙ୍କ ପାଇଁ ବ୍ୟଥିତ ହୁଏ, ଯାହାଙ୍କୁ ମୁଁ ଗଭୀରଭାବେ ସମ୍ମାନ ଓ ପ୍ରଶଂସା କରେ ।



### ଜିତିବା ପାଇଁ ଦୌଡ଼ନ୍ତୁ !

ଜୀବନ ଗୋଟିଏ ଦୌଡ଼ ଅଟେ ଓ ଈଶ୍ୱର ଆମ ପ୍ରତ୍ୟେକଙ୍କ ପାଇଁ ଏକ ଅସାଧାରଣ ଦୌଡ଼ ପଥ ପ୍ରସ୍ତୁତ କରିଛନ୍ତି । କେତେ ଜଣ କ୍ଷିପ୍ର-ଦୌଡାଳୀ, କେତେଜଣ ଦୀର୍ଘ-ଦୂରତା ପରେ ଦୌଡୁଥିବା ଖେଳାଳୀ ଓ ଆଉ କେତେକ ହୁଏତ ଦୀର୍ଘ-ବାଧା ଦୌଡ଼ାଳୀ ଅଟନ୍ତି ଓ ପ୍ରତ୍ୟେକେ ଭିନ୍ନ ଭିନ୍ନ କୌଶଳ ଓ ଦକ୍ଷତା ଆବଶ୍ୟକ କରନ୍ତି । ଆମେ କୌଣସି ଜଣଙ୍କର ଦୌଡ଼ ଦୌଡ଼ି ପାରିବା ନାହିଁ କାରଣ ଈଶ୍ୱର ନିଜର ସ୍ୱର୍ଗୀୟ ଯୋଜନା ଅନୁସାରେ ପ୍ରତ୍ୟେକ ଯାତ୍ରାକୁ ପ୍ରସ୍ତୁତ କରିଛନ୍ତି ।

ପ୍ରତ୍ୟେକ ପ୍ରକାରର ଦୌଡ଼ ଭିନ୍ନ ଭିନ୍ନ ସ୍ତରର ଶକ୍ତି, କୌଶଳ ଓ ଦକ୍ଷତା ଦାବୀ କରେ । କ୍ଷିପ୍ର ଦୌଡ଼ାଳୀ ସହଜରେ ଦୀର୍ଘ ଦୂରତାର ଦୌଡ଼ରେ ଦୌଡ଼ି ପାରେ ନାହିଁ, କିମ୍ବା ଦୀର୍ଘ ଦୂରତାର ଦୌଡ଼ାଳୀ ପ୍ରବଳ ଚେଷ୍ଟା ଓ ପ୍ରସ୍ତୁତି ବିନା କ୍ଷିପ୍ର ଗତିରେ ଦୌଡ଼ି ପାରେ ନାହିଁ । ଠିକ୍ ସେହିପରି ଭାବରେ, ଈଶ୍ୱର ଆମ ସମ୍ମୁଖରେ ରଖିଥିବା ଦୌଡ଼ରେ ଦୌଡ଼ିବା ପାଇଁ ଆମକୁ ଅନୁଗ୍ରହ ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି ।

ଆସନ୍ତୁ ଆମେ ଅନ୍ୟମାନଙ୍କ ଉପରେ ଦୃଷ୍ଟି ନିବଦ୍ଧ ନ କରି, ଆମ ନିମନ୍ତେ ଈଶ୍ୱର ଅସାଧାରଣଭାବରେ ପ୍ରସ୍ତୁତ କରିଥିବା ଉଦ୍ଦେଶ୍ୟ ଉପରେ ଦୃଷ୍ଟି ନିବଦ୍ଧ କରି ଧୈର୍ଯ୍ୟର ସହିତ ଆମ ଦୌଡ଼ିରେ ଦୌଡ଼ିବା ।

ଯଦି ଆମେ ଏକ ଭିନ୍ନ ପ୍ରକାର ଦୌଡ଼, ଅର୍ଥାତ୍ କୌଣସି ଲୋକପ୍ରିୟ, ସମୟୋପଯୋଗୀ, କିମ୍ବା ସୁରକ୍ଷିତ ମନେ ହେଉଥିବା ଅନ୍ୟ କୌଣସି ଦୌଡ଼ ମନୋନୀତ କରିବା, ତେବେ ଆମେ ଆମ ଉଦ୍ଦେଶ୍ୟର ବାସ୍ତବତାକୁ ହରାଇ ଦେବା । ସେହିପରି କରିବାରେ, ଆମେ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ଦୌଡ଼କୁ ଜିତି ପାରିବା ନାହିଁ । ଚରମ ଲକ୍ଷ୍ୟ ହେଉଛି, ଈଶ୍ୱର ଆମ ପାଇଁ ନିରୂପଣ କରିଥିବା ପଥ ଉପରେ ରହିବା ଓ ସେ ପ୍ରତିଜ୍ଞା କରିଥିବା ପୁରସ୍କାରକୁ ଜତିବା ।

ଯଦି ଆମେ ଆମର ନିରୂପିତ ପଥରୁ ବିଚ୍ୟୁତ ହେବା ଓ ଅନ୍ୟ କାହାର ପଥ ଉପରେ ଦୌଡ଼ିବା, ତେବେ ଆମେ ପ୍ରଥମ ସ୍ଥାନ ଅଧିକାର କଲେ ସୁଦ୍ଧା ହାରିଯିବା । ସେହି ପୁରସ୍କାର ଆମର ହେବ ନାହିଁ । ସେଥିପାଇଁ ବାଇବଲ ଆମକୁ ଶିକ୍ଷା ଦେଉଛି :

**"ଯେଉଁମାନେ ରଙ୍ଗ ଭୂମିରେ ଦୌଡ଼ନ୍ତି, ସେମାନେ ସମସ୍ତେ ଦୌଡ଼ନ୍ତି ସତ, କିନ୍ତୁ କେବଳ ଜଣେ ଯେ ପଣ ପାଏ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ତୁମ୍ଭେମାନେ ଯେପରି ପଣ ପାଇବ, ଏଥିପାଇଁ ସେହିପରି ଦୌଡ଼" (୧ କରିନ୍ଥୀୟ ୯:୨୪) ।**

### ଆମେ କିପରି ଦୌଡ଼ରେ ଦୌଡ଼ୁ ?



### ୧. ବିଶ୍ୱସ୍ତ ଭାବରେ ଦୌଡ଼ନ୍ତୁ

**"ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି" (୨ ତୀମଥି ୪:୭) ।**

ପୁରସ୍କାର ଜିତିବା ପାଇଁ, ଆମକୁ ବିଶ୍ୱସ୍ତ ଭାବରେ ଦୌଡ଼ିବାକୁ ହେବ । ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ଯଥା ଆମର କାର୍ଯ୍ୟରେ, ବିବାହରେ, ଅର୍ଥରେ, ସଂପର୍କରେ କିମ୍ବା ଆତ୍ମିକ ଯାତ୍ରାରେ ବିଶ୍ୱସ୍ତତା ଅତ୍ୟନ୍ତ ଆବଶ୍ୟକ ଅଟେ ।

ଈଶ୍ୱର ଯେଉଁ ଦୌଡ଼ ପାଇଁ ଆମକୁ ଆହ୍ୱାନ କରିଛନ୍ତି, ତାହା ଏକ ସରଳ ଦୌଡ଼ ନୁହେଁ, ଏହା ଏକ ଯୁଦ୍ଧ ଅଟେ । ପାଉଲ କହିଛନ୍ତି, "ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି ।" ପ୍ରତ୍ୟେକ ଦିନ, ଆମେ ଏହି ଜଗତର ଅଧିପତି ବିରୁଦ୍ଧରେ ଏକ ଆତ୍ମିକ ଯୁଦ୍ଧରେ ନିୟୋଜିତ ଅଛୁ ଯିଏ ଆମ ଜୀବନ ପାଇଁ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ବ୍ୟର୍ଥ କରିବା ପାଇଁ ଦୃଢ଼ ପ୍ରତିଜ୍ଞ ଅଟେ । **ତା'ର ଲକ୍ଷ୍ୟ ସ୍ପଷ୍ଟ ଅଟେ : ଚୋରି କରିବା, ବଧ କରିବା ଓ ବିନାଶ କରିବା (ଯୋହନ ୧୦:୧୦)** । ସେ ଆମ ସୃଷ୍ଟିକର୍ତ୍ତାଙ୍କ ପ୍ରତି ଆମର ବିଶ୍ୱସ୍ତତାକୁ ପରୀକ୍ଷା କରିବାକୁ ଚେଷ୍ଟା କରେ, ଏହି କୌଶଳକୁ ସେ ଏଦନ ଉଦ୍ୟାନରେ ଆରମ୍ଭ କରିଥିଲା ।

ସର୍ପ ଈଶ୍ୱରଙ୍କ ବିଶ୍ୱସ୍ତତା ଉପରେ ପ୍ରଶ୍ନ କରିଥିଲା, ତଦ୍ୱାରା ହବାଙ୍କ ମନରେ ସନ୍ଦେହର ବୀଜ ବୁଣିଥିଲା । ଏହି କାର୍ଯ୍ୟ ଈଶ୍ୱରଙ୍କଠାରେ ଓ ତାଙ୍କ ଆଜ୍ଞାରେ ତାଙ୍କର ବିଶ୍ୱାସକୁ ହ୍ରାସ କରିଥିଲା । ଯେପରି ଲେଖା ଯାଇଛି :

**"ସର୍ପ ନାରୀଙ୍କୁ କହିଲା, ତୁମ୍ଭେମାନେ କୌଣସି ରୂପେ ମରିବ ନାହିଁ । ବରଞ୍ଚ ପରମେଶ୍ୱର ଜାଣନ୍ତି, ତୁମ୍ଭେମାନେ ଯେଉଁ ଦିନ ତାହା ଖାଇବ, ସେହିଦିନ ତୁମ୍ଭମାନଙ୍କ ଚକ୍ଷୁ ପ୍ରସନ୍ନ ହେବ, ତହିଁରେ ତୁମ୍ଭେମାନେ ପରମେଶ୍ୱରଙ୍କ ପରି ଭଲ ଓ ମନ୍ଦର ଜ୍ଞାନ ପାଇବ" (ଆଦି ୩:୪-୫) ।**

ଏହି ପ୍ରତାରଣା ମାଧ୍ୟମରେ ସର୍ପ ଆଦମ ଓ ହବାଙ୍କର ସେମାନଙ୍କ ସୃଷ୍ଟିକର୍ତ୍ତାଙ୍କ ସହିତ ଥିବା ସୁନ୍ଦର ସଂପର୍କକୁ ଚୋରି, ବିନାଶ ଓ ବଧ କରିଥିଲା ।

ଈଶ୍ୱର ବିଶ୍ୱସ୍ତ ହୋଇଥିବାରୁ ବିଶ୍ୱସ୍ତ ହେବା ପାଇଁ ଆମକୁ ଆହ୍ୱାନ କରିଛନ୍ତି । ଏବ୍ରୀ ୧୦:୨୩ ଆମକୁ ସ୍ମରଣ କରାଇ ଦେଇଛି :

**"ଆମ୍ଭେମାନେ ଯେଉଁ ଭରସା ସ୍ୱୀକାର କରୁଅଛୁ, ତାହା ଅଟଳ ଭାବରେ ଦୃଢ଼ କରି ଧର, କାରଣ ଯେ ପ୍ରତିଜ୍ଞା କରିଅଛନ୍ତି, ସେ ବିଶ୍ୱସ୍ତ" ।**

ଯେତେବେଳେ ଈଶ୍ୱର କୌଣସି ପ୍ରତିଜ୍ଞା କରନ୍ତି, ସେ ଏହାକୁ ସଫଳ କରନ୍ତି । ଏପରିକି ଯେତେବେଳେ ଆପଣଙ୍କର ପ୍ରାର୍ଥନାର ବର୍ଷ ବର୍ଷ ଧରି ଉତ୍ତର ମିଳେ ନାହିଁ, ସେତେବେଳେ ଏହା ଜାଣନ୍ତୁ ଯେ ସେ ଆପଣଙ୍କୁ ଭୁଲି ଯାଇ ନାହାନ୍ତି । ଗୀତସଂହିତା ୫୬:୮ ଆମକୁ ଏହି ଭରସା ଦେଇଛି ଯେ ଈଶ୍ୱର ପ୍ରତ୍ୟେକଟି ଅଶ୍ରୁକୁ ସଂଗ୍ରହ କରି ସେଗୁଡ଼ିକୁ ସାଇତି ରଖିଛନ୍ତି । ସେ ସର୍ବଦା ତାଙ୍କ ଲୋକମାନଙ୍କ ପ୍ରତି ବିଶ୍ୱସ୍ତ ଅଟନ୍ତି ଓ ନିଜର ଯଥାର୍ଥ ସମୟରେ ଉତ୍ତର ଦେବେ ।

ସେଥିପାଇଁ, ଯେତେବେଳେ ଆପଣ ତାଙ୍କ କାର୍ଯ୍ୟର କୌଣସି ପ୍ରମାଣ ଦେଖି ନ ପାରିଲେ ସୁଦ୍ଧା, ଆପଣଙ୍କ ଦୌଡ଼ରେ ଦୌଡ଼ିବା ଅବ୍ୟାହତ ରଖନ୍ତୁ । ଆମର ବିଶ୍ୱସ୍ତ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତତା ପାଇଁ ସ୍ଥିର ବିଶ୍ୱାସ ଆବଶ୍ୟକ ହୁଏ ।

ଈଶ୍ୱର ଆମକୁ ସତର୍କ କରି ସାରିଛନ୍ତି :

**"ଯେଉଁ ସବୁ ଦୁଃଖ ଭୋଗ କରିବାକୁ ଯାଉଅଛ, ସେହି ସବୁକୁ ଭୟ କର ନାହିଁ, ଦେଖ, ତୁମ୍ଭମାନଙ୍କ ପରୀକ୍ଷା ନିମନ୍ତେ ଶୟତାନ ତୁମ୍ଭମାନଙ୍କ ମଧ୍ୟରୁ କାହାରି କାହାରିକୁ କାରାଗାରରେ ନିକ୍ଷେପ କରିବ, ଆଉ ତୁମ୍ଭେମାନେ ଦଶ ଦିନ କ୍ଳେଶ ଭୋଗ କରିବ । ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ" (ପ୍ରକାଶିତ ବାକ୍ୟ ୨:୧୦) ।**

ଆମେ ଯେଉଁ ଦୌଡ଼ିରେ ଦୌଡୁଅଛୁ, ତାହା ସହଜ ନୁହେଁ – ଏହା ଜଳ, ଗର୍ତ୍ତ ଓ ବାଡ଼କୁ ଡେଇଁ ଦୌଡ଼ିବା ଭଳି ଏକ ବାଧାଯୁକ୍ତ ଦୌଡ଼ ଅଟେ । ତଥାପି, ବିଶ୍ୱାସରେ ସ୍ଥିର ରହି ଦୌଡ଼ ଅବ୍ୟାହତ ରଖିବା ପାଇଁ ଆମକୁ ଆହ୍ୱାନ ଦିଆଯାଇଛି ।

ଯଦି ଆମେ – ଶାରିରିକ, ଆବେଗିକ, ଆତ୍ମିକ କିମ୍ବା ଅର୍ଥନୈତିକ କ୍ଳେଶ ଓ ଆହ୍ୱାନଗୁଡ଼ିକ ସତ୍ତ୍ୱେ, ଆମର ବିଶ୍ୱାସକୁ ଧରି ରଖିବା, ତେବେ ଆମେ ବିଜୟ ମୁକୁଟ ପ୍ରାପ୍ତ ହେବା । ଆମେ ଦୌଡ଼ର ଅଧାରୁ ଅଟକି ପାରିବା ନାହିଁ କିମ୍ବା ଫେରିପାରିବା ନାହିଁ । ଏହା ପରିବର୍ତ୍ତେ, ଆମ ହୃଦୟରେ ନିଷ୍ଠା ଓ ଆମ ପ୍ରାଣରେ ବିଶ୍ୱାସ ସହିତ ଆମକୁ ଧୈର୍ଯ୍ୟ ଧରି ରହିବାକୁ ହେବ ।

ଆମର ସାଂପ୍ରତିକ ପରିସ୍ଥିତି ସତ୍ତ୍ୱେ, ଆମ ଆହ୍ୱାନ ପ୍ରତି ବିଶ୍ୱସ୍ତତା ଅନିବାର୍ଯ୍ୟ ଅଟେ । ଈଶ୍ୱର ଆମକୁ ଛୋଟ କିମ୍ବା ବଡ଼, ଯେଉଁ ଦାୟିତ୍ୱ ଦେଇଛନ୍ତି – ସେଥିରେ ଆମକୁ ବିଶ୍ୱସ୍ତ ରହିବାକୁ ହେବ । ଏପରିକି ଗୋଟିଏ ଛୋଟ କମ୍ପାନୀରେ ଏକ ସାଧାରଣ ପଦବୀରେ ସୁଦ୍ଧା ଆମକୁ ବିଶ୍ୱସ୍ତ ରହିବାକୁ ହେବ । କେହି ଦେଖୁ ନ ଥିଲେ ସୁଦ୍ଧା ବିଶ୍ୱସ୍ତ ରହନ୍ତୁ କାରଣ ଈଶ୍ୱର ପ୍ରତ୍ୟେକ ବିଷୟ ଦେଖନ୍ତି ।

ଉଦ୍‌ଯୋଗର ସହିତ କାର୍ଯ୍ୟ କରନ୍ତୁ । ବାଇବଲ ଆମକୁ ସ୍ମରଣ କରାଇ ଦେଇଛି :

**''ତୁମ୍ଭେ କି କୌଣସି ଲୋକକୁ ଆପଣା ବ୍ୟବସାୟରେ ତତ୍ପର ଦେଖୁଅଛ ? ସେ ରାଜାମାନଙ୍କ ସମ୍ମୁଖରେ ଠିଆ ହେବ । ସେ ନୀଚ ଲୋକଙ୍କ ଆଗରେ ଠିଆ ହେବ ନାହିଁ'' (ହିତୋପଦେଶ ୨୨:୨୯) ।**

ଆପଣ ହୁଏତ ଆପଣଙ୍କ କାର୍ଯ୍ୟ ସ୍ଥଳରେ ପ୍ରଶଂସିତ ହେଉ ନ ଥିବେ, ତଥାପି ବିଶ୍ୱସ୍ତ ରହନ୍ତୁ । ଆପଣ ହୁଏତ ଆପଣଙ୍କ ମଣ୍ଡଳୀ ଦୃଷ୍ଟିରେ ଗୁରୁତ୍ୱହୀନ ବୋଲି ଅନୁଭବ କରୁଥିବେ – ତଥାପି ବିଶ୍ୱସ୍ତ ରହନ୍ତୁ । ଈଶ୍ୱର ଅନ୍ତିମ ପୁରସ୍କାର ଦାତା ଅଟନ୍ତି, ସେ ଗୋପନରେ ଆପଣଙ୍କର ପରିଶ୍ରମ ଦେଖନ୍ତି ଓ ନିଜର ଉପଯୁକ୍ତ ସମୟରେ ଆପଣଙ୍କୁ ପ୍ରକାଶ୍ୟରେ ପୁରସ୍କାର ଦେବେ । ଏପରି ଗୋଟିଏ ଦିନ ଆସିବ, ଯେତେବେଳେ ପ୍ରଭୁ କହିବେ :

**''ତାହାର ପ୍ରଭୁ ତାହାକୁ କହିଲେ, ବେଶ୍, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ'' (ମାଥିଉ ୨୫:୨୧) ।**

ମୁଁ ଏହି ପ୍ରାର୍ଥନା କରେ ଯେପରି ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସତ୍ତ୍ୱେ, କୌଣସି ବୁଝାମଣା ନ କରି ଆମ ବିଶ୍ୱାସରେ ବିଶ୍ୱସ୍ତ ଭାବରେ ଓ ଅଟଳ ଭାବରେ ଦୃଢ଼ ହୋଇ ଠିଆ ହେବା ପାଇଁ ଆମକୁ ଶକ୍ତି ପ୍ରଦାନ କରିବେ । ଆସନ୍ତୁ, ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରକୃତ ରାଜଦୂତ ହେବା ପାଇଁ ଆମେ ଚେଷ୍ଟା କରିବା ।

## ୨. ସହିଷ୍ଣୁ ହୋଇ ଦୌଡ଼ନ୍ତୁ



**''... ଆସ, ଆମ୍ଭେମାନେ ... ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ'' (ଏବ୍ରୀ ୧୨:୧) ।**

ଧୈର୍ଯ୍ୟ, କିମ୍ବା ସହିଷ୍ଣୁତା ଯେ କୌଣସି ଖେଳାଳୀ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ ଅଟେ । ଯେତେବେଳେ ଯାତ୍ରା କଷ୍ଟକର ହୋଇଯାଏ, ସେତେବେଳେ ଛାଡ଼ି ଦେବାର କୌଣସି ସ୍ଥାନ ନ ଥାଏ । ସଫଳତା ପାଇଁ ସ୍ୱାଚ୍ଛନ୍ଦ୍ୟର ବାହାରେ ନିଜକୁ ଆଗକୁ ଠେଲିବା ନିମନ୍ତେ ସମର୍ପଣ, ଶୃଙ୍ଖଳା ଓ ଏକ ଇଚ୍ଛୁକ ମନୋଭାବ ଆବଶ୍ୟକ ହୁଏ । ଏହା କଠିନ ପରିଶ୍ରମ, ସଂଘର୍ଷ, ସ୍ୱେଦ, ଯନ୍ତ୍ରଣା, ଏପରିକି ନୈରାଶ୍ୟର ସମୟ ମଧ୍ୟ ଦାବୀ କରେ ।

ସମାନ ଭାବରେ, ଆମର ଖ୍ରୀଷ୍ଟୀୟ ଆଚରଣ ଏକ ସହଜ ପଥ ନୁହେଁ । ଆମେ ଏପରି ସଂଘର୍ଷର ସମ୍ମୁଖୀନ ହେଉ, ଯୁଦ୍ଧର ସମ୍ମୁଖୀନ ହେଉ ଓ ଆହ୍ୱାନକୁ ସହ୍ୟ କରୁ ଯାହା ଆମର ବିଶ୍ୱାସକୁ ପରୀକ୍ଷା କରେ । ବେଳେବେଳେ, ଆମେ ଏପରି ନିଃସଙ୍ଗତା ଅନୁଭବ କରୁ ଯେପରିକି ଆମେ ଅନ୍ୟମାନଙ୍କର ବୋଧର ଅଗମ୍ୟ ଏକ ରାସ୍ତାରେ ଚାଲୁଅଛୁ । ଜାଗତିକ ମୂଲ୍ୟବୋଧ ସହିତ ସମ୍ମିଳିତ ହେବା କିମ୍ବା ବୁଝାମଣା କରିବା ଦ୍ୱାରା ଆମକୁ ଅନ୍ୟମାନଙ୍କଠାରୁ ଭିନ୍ନ ହେବାର ଅନୁଭବ ଦେଇପାରେ ।

ଏହି ଅନୁଭବଗୁଡ଼ିକ ସ୍ୱାଭାବିକ ଅଟେ, ମାତ୍ର ଆମକୁ ଏହା ମନେ ରଖିବାକୁ ହେବ ଯେ ଏହି ମାର୍ଗଟି ସଂକୀର୍ଣ୍ଣ ଓ ଆହ୍ୱାନ ଯୁକ୍ତ ହେଲେ ମଧ୍ୟ ଅନନ୍ତ ଆନନ୍ଦ ଓ ପରିପୂର୍ଣ୍ଣତା ଦିଗକୁ କଢ଼ାଇ ନିଏ । ଆସନ୍ତୁ, ଆମେ ଅବିଚଳିତ ଦୃଢ଼ତା ସହିତ, ଏହା ଜାଣି ଅଗ୍ରସର ହେବା ଯେ ଈଶ୍ୱର ମାର୍ଗର ପ୍ରତ୍ୟେକଟି ପଦକ୍ଷେପରେ ଆମ ସହିତ ଅଛନ୍ତି ।

ଈଶ୍ୱରଙ୍କର ମହାନ୍ ବ୍ୟକ୍ତିମାନେ ସମାନ ପ୍ରକାରର ଅନୁଭୂତି ପାଇଥିଲେ । ଏଲୀୟ ବିଳାପ କରିଥିଲେ, **''... ମୁଁ କେବଳ ଅବଶିଷ୍ଟ ରହିଲି...'' (୧ ରାଜାବଳି ୧୯:୧୦)** । ଦାଉଦ ପ୍ରାୟତଃ, ନିଃସଙ୍ଗତାର ଭାର ଅନୁଭବ କରୁଥିଲେ ଓ ମୋଶା ମଧ୍ୟ ଏହିପରି ସମୟକୁ ସହ୍ୟ କରିଥିଲେ । ଏହି ଅନୁଭବଗୁଡ଼ିକ ଆମ ପ୍ରତି ନୂତନ ନୁହେଁ । କିନ୍ତୁ, **''ଆମ ଦୌଡ଼ରେ ଧୈର୍ଯ୍ୟ ଧରିବା ପାଇଁ ଆମକୁ ଯାହା ଶକ୍ତିଯୁକ୍ତ କରେ, ତା' ହେଉଛି, ଆମ ପୂର୍ବବର୍ତ୍ତୀ ଲୋକମାନଙ୍କର ସାକ୍ଷ୍ୟ'' (ଏବ୍ରୀ ୧୨:୧)** । ସେମାନଙ୍କର ଦୃଷ୍ଟାନ୍ତ ଆମକୁ ସ୍ମରଣ କରାଇ ଦିଏ ଯେ ଆମେ ଅଧାରୁ ଛାଡ଼ି ଦେଇପାରିବା ନାହିଁ ।

ଯଦିଓ ଯାତ୍ରା ଯୋଗୁ ଆମେ କ୍ଳାନ୍ତ ଅନୁଭବ କରୁ, ତଥାପି ଆମକୁ ଅଗ୍ରସର ହେବାକୁ ପଡ଼ିବ । ସାହାଯ୍ୟ ସର୍ବଦା ଆମ ପହଞ୍ଚ ମଧ୍ୟରେ ଅଛି । ଆମ ମଧ୍ୟରୁ କେତେଜଣ ହୁଏତ ନିରୁତ୍ସାହଜନକ ବାକ୍ୟ, ମିଥ୍ୟା ଅଭିଯୋଗ, ଭୁଲ ବୁଝାମଣା, କିମ୍ବା ଏକ ଆଭ୍ୟନ୍ତରୀଣ ନୈରାଶ୍ୟଭାବ, ସନ୍ଦେହର ସମ୍ମୁଖୀନ ହୁଅନ୍ତି, ସେମାନେ ଭାବିପାରନ୍ତି, **''ପ୍ରଭୁ, ମୁଁ କାହିଁକି ଆଉ ଆଗକୁ ଚାଲିବି ?''** ତଥାପି, ଆମକୁ ଧୈର୍ଯ୍ୟର ସହିତ ଦୌଡ଼ିବା ପାଇଁ ଆହ୍ୱାନ କରାଯାଇଛି ।

କେହି କେବେ ନିଃସଙ୍ଗତା ଇଚ୍ଛା କରେ ନାହିଁ, ଆମେ ସମସ୍ତେ ମିଶି ରହିବାକୁ ଇଚ୍ଛା କରୁ । ମାତ୍ର ଆମକୁ ଆମର ହୃଦୟକୁ ଜଗିବାକୁ ହେବ । **''...ଜଗତର ମିତ୍ରତା ଈଶ୍ୱରଙ୍କର ଶତ୍ରୁତା, ଏହା କଅଣ ଜାଣ ନାହିଁ ?'' (ଯାକୁବ ୪:୪)** । ବାଇବଲ ଆମକୁ ସତର୍କ କରି ଦେଇଛି ଯେ ଯେଉଁମାନେ ଜାଗତିକ ମୂଲ୍ୟବୋଧ ସହିତ ନିଜ ନିଜକୁ ସମ୍ମିଳିତ କରନ୍ତି, ସେମାନେ **''ବ୍ୟଭିଚାରୀ ଓ ବ୍ୟଭିଚାରିଣୀମାନଙ୍କ''** ସଦୃଶ ଅଟନ୍ତି ।

ସେଥିପାଇଁ, ଈଶ୍ୱର ଆମ ସମ୍ମୁଖରେ ରଖିଥିବା ଦୌଡ଼ ବିଷୟରେ ଆମକୁ ଜାଗ୍ରତ ରହିବାକୁ ହେବ । ବୁଝାମଣା ପାଇଁ କୌଣସି ସ୍ଥାନ ନାହିଁ । ସ୍ଥିର ରହନ୍ତୁ, କାରଣ ପୁରସ୍କାର ଅନନ୍ତକାଳୀନ ଅଟେ ।

## ୩. ଦୌଡ଼କୁ ସଂପୂର୍ଣ୍ଣ କରିବା ପାଇଁ ଦୌଡ଼ନ୍ତୁ



ଦୌଡ଼ର ଚରମ ଲକ୍ଷ୍ୟ ହେଉଛି, କେବଳ ଯେ ଏହାକୁ ସଂପୂର୍ଣ୍ଣ କରିବା, ତା' ନୁହେଁ, ମାତ୍ର ଏହାକୁ ବିଜୟ ସହିତ ସଂପୂର୍ଣ୍ଣ କରିବା ଓ ପୁରସ୍କାର ଦାବୀ କରିବା । ପ୍ରେରିତ ୨୦:୨୪ରେ ଲେଖାଯାଇଛି : **''... ମୁଁ ଯେପରି ମୋହର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିପାରେ, ଆଉ ... ଯେଉଁ ସେବାର କାର୍ଯ୍ୟ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି, ତାହା ସଂପୂର୍ଣ୍ଣ କରିପାରେ, ଏଥିପାଇଁ ମୁଁ ଆପଣା ପ୍ରାଣକୁ ... ନଗଣ୍ୟ ମନେ କରୁଅଛି ।''**

ପ୍ରିୟ ବନ୍ଧୁଗଣ, ଜୀବନ କ୍ଷିପ୍ରଗତିରେ ଚାଲି ଯାଉଅଛି ଓ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଆମେ ଯାହା କରିଛୁ, କେବଳ ତାହା ହିଁ ସ୍ଥାୟୀ ହେବ । ଆମେ ଏହି ବର୍ଷର ଆରମ୍ଭରେ ଉପସ୍ଥିତ ହୋଇଥିବା ସମୟରେ, ଏହା ଆମର ଆତ୍ମ – ଅନୁଚିନ୍ତନର ପ୍ରକୃଷ୍ଟ ସମୟ ଅଟେ । ଈଶ୍ୱର ଆପଣଙ୍କ ସମ୍ମୁଖରେ ରଖିଥିବା ଦୌଡ଼ରେ ଆପଣ ଦୌଡୁଛନ୍ତି କି ? ଆପଣ ସଠିକ୍ ପଥରେ ଅଛନ୍ତି କି ? ଯେଉଁ ବିଭ୍ରାନ୍ତି, ବିଫଳତା ଓ ଆହ୍ୱାନ ସବୁ ଆପଣଙ୍କୁ ପଛକୁ ଟାଣିବା ପାଇଁ ଚେଷ୍ଟା କରେ, ସେଗୁଡ଼ିକ ସତ୍ତ୍ୱେ, ଆପଣ ନିଜର ସବୁକିଛି ଦେଇ, ଧୈର୍ଯ୍ୟର ସହିତ ଦୌଡୁଛନ୍ତି କି ? ଯଦି ନାହିଁ, ତେବେ ପୁନଃ ସମର୍ପିତ ହେବା ପାଇଁ ଏହା ହିଁ ଯଥାର୍ଥ ସମୟ ଅଟେ ।

ଆସନ୍ତୁ, ଆମେ ଶକ୍ତିର ସହିତ ସଂପୂର୍ଣ୍ଣ କରିବା ପାଇଁ ଧୈର୍ଯ୍ୟ ଓ ଦୃଢ଼ତାର ସହିତ ବିଶ୍ୱସ୍ତଭାବରେ ଦୌଡ଼ିବା । ଅଧାରୁ ଛାଡ଼ି ଦିଅନ୍ତୁ ନାହିଁ । ଈଶ୍ୱର ବିଶ୍ୱସ୍ତ ଅଟନ୍ତି । ସେ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଫେବୃୟାରୀ ୧୯ ରୁ ୨୦୨୫ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଫେବୃୟାରୀ ୧୯ ⇨ ବହୁ ଭାଷାବାଦୀ ଲୋକମାନଙ୍କ ନିକଟରେ ସୁସମାଚାର ଜଣାଇବା ପାଇଁ ଆମର ଗଣମାଧ୍ୟମ ସେବାକାର୍ଯ୍ୟ ଓ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଉପରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୦ ⇨ ଅଧିକ ସଂଗଠିତ ଭାବରେ କାର୍ଯ୍ୟ କରିବା ପାଇଁ ଆମର ମଣ୍ଡଳୀ ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୧ ⇨ ଆମର ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଛାତ୍ରମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଫେବୃୟାରୀ ୨୨ ⇨ ଆମର ସାଥୀମାନଙ୍କୁ ନୈତିକ ଓ ଅର୍ଥନୈତିକ ଭାବରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୩ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ଦୟା ଦେଖାଇଥିବାରୁ ।

ଫେବୃୟାରୀ ୨୪ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର କରିବା ପାଇଁ ଆମର ବରିଷ୍ଠ ପାଳକଙ୍କର ସମର୍ପଣ ନିମନ୍ତେ ।

ଫେବୃୟାରୀ ୨୫ ⇨ ଆମର ସମସ୍ତ ମାଣ୍ଡଳିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଯୁବାମାନଙ୍କ ଉତ୍ସାହ ଦେଇଥିବାରୁ ।

ଫେବୃୟାରୀ ୨୬ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୭ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଫେବୃୟାରୀ ୨୮ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଆମର ରବିବାର ଉପାସନା ଗୁଡ଼ିକରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।

ମାର୍ଚ୍ଚ ୧ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨ ⇨ ଆମର କାର୍ଯ୍ୟକାରୀମାନଙ୍କ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୩ ⇨ ଆମର ମୁଖ୍ୟ ମଣ୍ଡଳୀକୁ ମିଶନ ମନୋଭାବ ବିଶିଷ୍ଟ ସଦସ୍ୟମାନଙ୍କୁ ଯୋଗାଇଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ମାର୍ଚ୍ଚ ୪ ⇨ ଇସ୍ରାଏଲ, ପାଲେଷ୍ଟାଇନ୍, ରୁଷିଆ ଓ ୟୁକ୍ରେନରେ ଶାନ୍ତି ନିମନ୍ତେ ।

ମାର୍ଚ୍ଚ ୫ ⇨ ସମସ୍ତ ଦେଶର ଏକତା ଓ ଶାନ୍ତି ନିମନ୍ତେ ।

ମାର୍ଚ୍ଚ ୬ ⇨ ଖ୍ରୀଷ୍ଟିଆନ ପ୍ରଚାରକମାନେ ଯେପରି ବାକ୍ୟରେ କିଛି ନ ମିଶାଇ ସଠିକ୍ ଭାବରେ ସୁସମାଚାର ପ୍ରଚାର କରିବେ ।

ମାର୍ଚ୍ଚ ୭ ⇨ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ଯୋଗ୍ୟ ଛାତ୍ର ଯୋଗାଇବା ନିମନ୍ତେ ।

ମାର୍ଚ୍ଚ ୮ ⇨ ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମାର୍ଚ୍ଚ ୯ ⇨ ଦେଶର ପିଲା ଓ ଯୁବାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ ।

ମାର୍ଚ୍ଚ ୧୦ ⇨ ପୃଥିବୀର ପିଲା ଓ ଯୁବାମାନଙ୍କୁ ମୋବାଇଲ ଫୋନ୍ ଓ ଅନ୍-ଲାଇନ୍ ଖେଳରୁ ସୁରକ୍ଷା ଦେବା ନିମନ୍ତେ ।

ମାର୍ଚ୍ଚ ୧୧ ⇨ ବୃଦ୍ଧାଶ୍ରମରେ ଥିବା ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ।

ମାର୍ଚ୍ଚ ୧୨ ⇨ ଆମର ପ୍ରଭୁ ଯେପରି ଏହି ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ମାର୍ଚ୍ଚ ୧୩ ⇨ ଆମର ସାଥୀ ଓ ରାଜ୍ୟ ସଂଯୋଜକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ମାର୍ଚ୍ଚ ୧୪ ⇨ ଭାରତର ଅପହଞ୍ଚ ସ୍ଥାନଗୁଡ଼ିକରେ ସୁସମାଚାର ପ୍ରସାର କରିବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ ।

ମାର୍ଚ୍ଚ ୧୫ ⇨ ଏହି ନୂତନ ବର୍ଷ ୨୦୨୫ରେ ପ୍ରଚୁର ଦୟା ନିମନ୍ତେ ।

ମାର୍ଚ୍ଚ ୧୬ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରଧା ଦେବା ନିମନ୍ତେ ।

ମାର୍ଚ୍ଚ ୧୭ ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ ।

ମାର୍ଚ୍ଚ ୧୮ ⇨ ଆମର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆମକୁ କେବେ ହେଲେ ଏପରି ସ୍ଥାନକୁ ନେବେ ନାହିଁ ଯେଉଁଠାରେ ତାଙ୍କର ଅନୁଗ୍ରହ ଯଥେଷ୍ଟ ନ ଥିବ ।

ଯଦି ଆପଣ ବହନ କରିଥିବା ଭାର ଅତି ଓଜନିଆ ଅନୁଭବ ହୁଏ, କିମ୍ବା ଆପଣ ମାନସିକ ଭାବରେ ଶୁଷ୍କ ହୋଇଯାଉଥାଆନ୍ତି, ତେବେ ଈଶ୍ୱରଙ୍କ ସମ୍ମୁଖକୁ ଆସନ୍ତୁ ଓ ତାଙ୍କ ନିକଟରେ ଆପଣଙ୍କର ହୃଦୟକୁ ଢାଳି ଦିଅନ୍ତୁ । କହନ୍ତୁ, ‘‘ପ୍ରଭୋ, ମୁଁ ଏହି କ୍ଷେତ୍ରରେ ସଂଘର୍ଷ କରୁଅଛି । ମୁଁ ମୋ’ ସ୍କନ୍ଧରେ ଏହି ଭାର ଧରି ଆଉ ଦୌଡ଼ି ପାରୁ ନାହିଁ ।’’

ରାଜା ହିଜିକିୟଙ୍କର ଦୃଷ୍ଟାନ୍ତ ବିଚାର କରନ୍ତୁ । ଯେତେବେଳେ ସେ ଅଶୂରୀୟ ରାଜାଙ୍କର କଥା ଶୁଣିଲେ, ସେତେବେଳେ ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇ ଯାଇଥିଲା । ସେ ସଂପୂର୍ଣ୍ଣ ଭାବରେ ଅସହାୟ ଅନୁଭବ କରିଥିଲେ । ଅଶୂରୀୟ ରାଜା ତାଙ୍କୁ ଓ ତାଙ୍କର ବିଶ୍ୱାସକୁ ଉପହାସ କରି କହିଥିଲେ, ‘‘ତୁମେ ମୋ’ ବିରୁଦ୍ଧରେ ଠିଆ ହେବା ପାଇଁ କିପରି ସାହସ କଲ ? ତୁମ ନିକଟରେ କେଉଁ ବିଶ୍ୱାସ ଅଛି ? ତୁମକୁ କିଏ ମୋ’ ହାତରୁ ରକ୍ଷା କରିବ ? ସବୁ ଶେଷ ହୋଇଯାଇଛି । ତୁମକୁ କେହି ରକ୍ଷା କରିପାରିବ ନାହିଁ । ଯଦି ତୁମେ ଚାହିଁବ, ତେବେ ମୁଁ ତୁମକୁ ୨୦୦୦ ଅଶ୍ୱ ଦେବି – ମୋ’ ବିରୁଦ୍ଧରେ ଲଢ଼ିବା ପାଇଁ ତୁମେ ସେଗୁଡ଼ିକର ଆରୋହୀମାନଙ୍କୁ ଖୋଜି ପାଇ ପାରିବ କି ?’’

କେତେ ବଡ଼ ଆହ୍ୱାନ ! ସେହି ସମୟରେ ରାଜା ହିଜିକିୟଙ୍କର ମାନସିକ ଓ ଆବେଗିକ ସ୍ଥିତି କିପରି ହୋଇଥିବ, କଳ୍ପନା କରନ୍ତୁ । ଏହି ନୈରାଶ୍ୟରେ ସୁଦ୍ଧା, ହିଜକିୟ ଶକ୍ତିର ପ୍ରକୃତ ଉତ୍ସ, ଈଶ୍ୱରଙ୍କ ପ୍ରତି ଫେରିଥିଲେ ।

ଏହି ପରିସ୍ଥିତିରେ ଆପଣ କ’ଣ କରିଥା’ନ୍ତେ ? ଅଶୂରୀୟ ରାଜାମାନେ ନିର୍ଦ୍ଦିଷ୍ଟ ଭାବରେ ପ୍ରତିଦ୍ୱନ୍ଦୀ ରାଜାମାନଙ୍କ ପ୍ରତି ସେମାନଙ୍କର ପାଶବିକ ଅତ୍ୟାଚାର ପାଇଁ କୁଖ୍ୟାତ ଥିଲେ । ଏହା ଜାଣିଥିବାରୁ, ରାଜା ହିଜକିୟ ବୁଝିଥିଲେ ଯେ ତାଙ୍କର ଭବିଷ୍ୟତ୍ ଅନ୍ଧକାର ଦିଶୁଥିଲା । ସେ ନିଜର ବିଶ୍ୱାସକୁ ପରିତ୍ୟାଗ କରି ପାରିଥା’ନ୍ତେ ଓ ତାଙ୍କ ସମ୍ମୁଖସ୍ଥ ଦୌଡ଼କୁ ସଂପୂର୍ଣ୍ଣ କରିବାରେ ବିଫଳ ହୋଇଥାନ୍ତେ । କିନ୍ତୁ, ଯିଶାଇୟ ୩୭ ଏକ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛି :

୧/ ସେ ପ୍ରଭୁଙ୍କ ଉପସ୍ଥିତି ନିକଟକୁ ଫେରିଥିଲେ – ହିଜିକିୟ ମନ୍ଦିର ମଧ୍ୟକୁ ଯାଇ ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ନତ କରିଥିଲେ ।

୨/ ସେ ଈଶ୍ୱରଙ୍କୁ ନିଜର କ୍ଲେଶ ଜଣାଇଥିଲେ – ସେ ନିଜର ହୃଦୟ ଢାଳି ଦେଇଥିଲେ ଓ ସ୍ୱର୍ଗୀୟ ଚାଳନା ଲୋଡ଼ିଥିଲେ । ଗୀତସଂହିତା ୧୧୯:୨୬ରେ ଦାଉଦ ଲେଖିଛନ୍ତି, **‘‘ମୁଁ ଆପଣାର ସକଳ ଗତି ବର୍ଣ୍ଣନା କରନ୍ତେ, ତୁମ୍ଭେ ମୋତେ ଉତ୍ତର ଦେଲ, ତୁମ୍ଭର ବିଧି ସବୁ ମୋତେ ଶିଖାଅ ।’’** ଅନ୍ୟ ଗୋଟିଏ ଅନୁବାଦ ଅନୁସାରେ, **‘‘ମୁଁ ତୁମ୍ଭକୁ ମୋ’ ଜୀବନ ବିଷୟରେ ସବୁକିଛି କହିଥିଲି ।’’** ସେହିପରି ଆମକୁ ଆମର ସମସ୍ୟା, ବିଫଳତା ଓ ନୈରାଶ୍ୟଗୁଡ଼ିକୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଉତ୍ସାହିତ କରାଯାଇଛି । ଯେତେବେଳେ ଆମେ ସେହିପରି କରୁ, ସେତେବେଳେ ସେ ଆମକୁ ସମ୍ମୁଖସ୍ଥ ପଥ ବିଷୟ ଶିକ୍ଷା ଦେବେ ।



## ଦୌଡ଼ରେ ଦୌଡ଼ିବା ଅବ୍ୟାହତ ରଖନ୍ତୁ !

ଈଶ୍ୱରଙ୍କର ପ୍ରିୟ ଲୋକମାନେ, ଆପଣମାନେ ଆପଣ ମାନଙ୍କର ସେବାକାର୍ଯ୍ୟରେ ବିଶ୍ୱସ୍ତ ରହି କ୍ଳାନ୍ତ ହୋଇ ଯାଇଛନ୍ତି କି ? ଆପଣମାନେ ଧୈର୍ଯ୍ୟ ଧରିବା ପାଇଁ ସଂଘର୍ଷ କରୁଛନ୍ତି କି ? ଅଧାରୁ ଛାଡ଼ି ଦିଅନ୍ତୁ ନାହିଁ । ବର୍ତ୍ତମାନ ପରିତ୍ୟାଗ କରିବାର ସମୟ ନୁହେଁ । ସେ ଆପଣଙ୍କୁ ଅଟକିବା ପାଇଁ ନ କହିବା ପର୍ଯ୍ୟନ୍ତ, ଦୌଡ଼ିବା ଅବ୍ୟାହତ ରଖନ୍ତୁ ।

ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଯାହା ହେଉ ନା’ କାହିଁକି, ଆସନ୍ତୁ, ଧୈର୍ଯ୍ୟର ସହିତ ଦୌଡ଼ିବା ।



## କିପରି ଦୌଡ଼ିବା ନାହିଁ ?

ବୃଥାରେ ଦୌଡ଼ନ୍ତୁ ନାହିଁ : ପାଉଲ ଗାଲାତୀୟ ୨:୨ରେ ଲେଖିଛନ୍ତି : **‘‘ମୁଁ ... ପ୍ରତ୍ୟାଦେଶ ପ୍ରାପ୍ତ ହୋଇ ଗମନ କଲି ... କିନ୍ତୁ ମୋହର ପୂର୍ବ ଅବା ବର୍ତ୍ତମାନ ପରିଶ୍ରମ ଯେପରି ବିଫଳ ନ ହୁଏ ... ।’’**

ଈଶ୍ୱର ଆମ ସମ୍ମୁଖରେ ରଖିଥିବା ଦୌଡ଼ରେ ଦୌଡ଼ିବା ପାଇଁ ଓ ଆମର ଚେଷ୍ଟା ଯେପରି ନଷ୍ଟ ନ ହେବ, ଏଥିପାଇଁ ଆମକୁ ସତର୍କ ରହିବାକୁ ହେବ । ବିଶ୍ୱ–ବିଖ୍ୟାତ ଖେଳାଳୀ ସାଇନୀ ଅବ୍ରହାମଙ୍କଠାରୁ ଶିକ୍ଷା ଗ୍ରହଣ କରନ୍ତୁ । ଯଦିଓ ସେ ପ୍ରଥମେ ଦୌଡ଼ି ସଂପୂର୍ଣ୍ଣ କରିଥିଲେ, ତଥାପି ଗୋଟିଏ ଛୋଟ ଓ ଅତି ନଗଣ୍ୟ ମନେ ହେଉଥିବା ଭୁଲ୍ ଯୋଗୁ ପଦବୀ ହରାଇ ଦେଇଥିଲେ ।

ବେଳେବେଳେ, ଆମେ କଠିନ ପରିଶ୍ରମୀ, ସମର୍ପିତ ଓ ବିଶ୍ୱସ୍ତ ରହିଥିଲେ ମଧ୍ୟ ପୁରସ୍କାର ଜିତିବାରେ ବିଫଳ ହେଉ । କାହିଁକି ? କାରଣ ଈଶ୍ୱର ପ୍ରକୃତରେ ଆମଠାରୁ ଯାହା ଚାହାଁନ୍ତି, ତାହା ପ୍ରତି ଆମେ ହୁଏତ ଅଣଦେଖା କରୁ । ଆମେ ହୁଏତ ସେହି ନିର୍ଦ୍ଦିଷ୍ଟ ଦୌଡ଼କୁ ବୁଝି ନ ଥାଉ ଯାହାକୁ ସେ ଆମ ପାଇଁ ନିରୂପଣ କରିଥା’ନ୍ତି ।

ଆସନ୍ତୁ, ଆମେ ତାଙ୍କ ଇଚ୍ଛାକୁ ଜାଣିବା ପାଇଁ, ତାଙ୍କ ଉଦ୍ଦେଶ୍ୟକୁ ଚିହ୍ନିବା ପାଇଁ ଓ ଆମ ଜୀବନ ପାଇଁ ସେ ଯେଉଁ ବାର୍ତ୍ତା ରଖିଛନ୍ତି, ତାହାକୁ ଗ୍ରହଣ କରିବା ପାଇଁ ସମୟ ଦେବା । କେବଳ ସେତେବେଳେ, ଆମେ ଉଦ୍ଦେଶ୍ୟର ସହିତ ଦୌଡ଼ି ପାରିବା ଓ ବିଜୟର ସହିତ ଦୌଡ଼କୁ ସଂପୂର୍ଣ୍ଣ କରିପାରିବା ।

୨ୟ ଶାମୁୟେଲ ୧୮ରେ ଆମେ ଗୋଟିଏ ଆକର୍ଷଣୀୟ ଘଟଣାର ସମ୍ମୁଖୀନ ହେଉ । ଯୋୟାବ ରାଜା ଦାଉଦଙ୍କ ପୁତ୍ର ଅବଶାଲୋମଙ୍କ ବିରୁଦ୍ଧରେ ଯୁଦ୍ଧ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ECHO OF HIS CALL 1969-2019 GOLDEN JUBILEE
REACHING NATIONS

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ୍ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ଯେ କୌଣସି ଅସ୍ତ୍ର ତୁମ୍ଭ ପ୍ରତିକୂଳରେ ନିର୍ମିତ ହୁଏ, ତାହା ସାର୍ଥକ ହେବ ନାହିଁ ଓ ଯେ ପ୍ରତ୍ୟେକ ଜିହ୍ୱା ବିଚାରରେ ତୁମ୍ଭ ବିରୁଦ୍ଧରେ ଉଠେ, ତୁମ୍ଭେ ତାହାକୁ ଦୋଷୀ କରିବ" (ଯିଶାଇୟ ୫୪:୧୭) ।**

ଅଧିକାଂଶ ସମୟରେ, ଯେତେବେଳେ ମଧ୍ୟ ଆମେ ଈଶ୍ୱରଙ୍କ ରାଜ୍ୟର ସଂପ୍ରସାରଣ ନିମନ୍ତେ ନୂତନ ସେବାକାର୍ଯ୍ୟ ଆରମ୍ଭ କରୁଥିଲୁ, ସେତେବେଳେ ଆମକୁ ବିଭିନ୍ନ ପ୍ରକାର ବିରୋଧ ଓ କଷ୍ଟର ସମ୍ମୁଖୀନ ହେବାକୁ ପଡୁଥିଲା । ବେଳେ ବେଳେ, ସିଧାସଳଖ ଭାବରେ ଶୟତାନଠାରୁ ଓ ବେଳେ ବେଳେ ଲୋକମାନଙ୍କଠାରୁ କ୍ଳେଶ ଆସୁଥିଲା । ଅନେକ ସମୟରେ, ମୋତେ କେବଳ ଏକାକୀ କଷ୍ଟ ଓ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିଲା ।

ଯେତେବେଳେ ଆମେ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ କରୁଥିଲୁ, ସେତେବେଳେ ଯେଉଁ ଲୋକମାନେ ସେହି ଅଞ୍ଚଳରେ ବାସ କରୁଥିଲେ, ସେମାନେ ଅତି ଅସନ୍ତୁଷ୍ଟ ହୋଇଥିଲେ । ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ, ସେମାନେ ମୋତେ ସର୍ବାଧିକ କଷ୍ଟ ଦେବାକୁ ଚେଷ୍ଟା କରୁଥିଲେ । କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଧ୍ୟ ବହୁତ ହଇରାଣ କରାଯାଇଥିଲା ଓ କେତେକ ଲୋକ ସେମାନଙ୍କ ପ୍ରତି ଅତ୍ୟାଚାର କରିବାରୁ, ଅଧିକାଂଶ ଶ୍ରମିକ କାର୍ଯ୍ୟ ଛାଡ଼ି ଦେଇଥିଲେ ଓ ମୋତେ କାର୍ଯ୍ୟକୁ ଅଗ୍ରସର କରାଇବାରେ କଷ୍ଟ ହୋଇଥିଲା । ପ୍ରବଳ ବିରୋଧ ଦେଖି, କଣ୍ଟ୍ରାକ୍ଟର, ଯିଏ ଜଣେ ଖ୍ରୀଷ୍ଟିଆନ ଥିଲେ, ସେ ମଧ୍ୟ ତାଙ୍କର ଶ୍ରମିକମାନଙ୍କୁ ନେଇ, ସେହି ସ୍ଥାନରୁ ପଳାୟନ କଲେ ।

ପ୍ରଭୁଙ୍କ କାର୍ଯ୍ୟକୁ ବିରୋଧ କରୁଥିବା କେତେକ ଲୋକ ଅତି ଭଦ୍ର ଭାବରେ ମୋ' ନିକଟକୁ ଆସି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଭୁଙ୍କର କାର୍ଯ୍ୟ ବନ୍ଦ କରିବା ପାଇଁ ମୋତେ କହିଲେ । ଏହାକୁ ଅନ୍ୟ କୌଣସି ଖ୍ରୀଷ୍ଟିଆନ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ସେମାନେ ପରାମର୍ଶ ଦେଲେ ଓ ଏଥିପାଇଁ ଯେ କୌଣସି ପରିମାଣର ଅର୍ଥ ଦେବା ପାଇଁ ପ୍ରଲୋଭନ ଦେଖାଇଲେ । ମୁଁ ମୋର ଆହ୍ୱାନରେ ଅତି ଦୃଢ଼ ଥିଲି ଓ ସେମାନଙ୍କୁ ନମ୍ର ଭାବରେ କହିଥିଲି ଯେ ମୁଁ ସେମାନଙ୍କ ଅନୁରୋଧ ରକ୍ଷା କରିପାରିବି ନାହିଁ । ଏହା ଜୀବିତ ଈଶ୍ୱରଙ୍କ କାର୍ଯ୍ୟ ବୋଲି ବୁଝାଇ, ସେମାନେ ଯେପରି କୌଣସି ପ୍ରକାରେ କାର୍ଯ୍ୟ ବିରୁଦ୍ଧରେ ଠିଆ ହେବେ ନାହିଁ, ଏଥିପାଇଁ ମୁଁ ସେମାନଙ୍କୁ ଅନୁରୋଧ କରିଥିଲି ।

ମାତ୍ର ସେମାନେ ମୋତେ ମାନସିକ ଓ ଶାରୀରିକ କଷ୍ଟ ଦେବାରେ ଲାଗିଥିଲେ । ଏହି କ୍ଳେଶ ସମୟରେ ମଧ୍ୟ, ମୋ' ସହିତ ହାତ ମିଳାଇବା ପାଇଁ, ମୁଁ ସହରର ବିଭିନ୍ନ ଖ୍ରୀଷ୍ଟିଆନ ନେତା ଓ ଓକିଲମାନଙ୍କ ନିକଟକୁ ଯାଇଥିଲି । ଦୁର୍ଭାଗ୍ୟର ବିଷୟ, କେହି ମୋତେ ସାହାଯ୍ୟ କରିବାକୁ ଆସି ନ ଥିଲେ । ମାତ୍ର ମୁଁ ଅଧିକାଂଶ ସମୟ, ମୋ' ସହିତ ରହିବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନାରେ କହୁଥିଲି । ମୁଁ ବିଶ୍ୱାସରେ ଅଗ୍ରସର ହେବା ଦ୍ୱାରା ଶାନ୍ତି ମଧ୍ୟ ପାଇଥିଲି ।

ଉଦାହରଣ ସ୍ୱରୂପ, ଦିନେ କଂକ୍ରିଟ ଚଟାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା କଂକ୍ରିଟର ମିଶ୍ରଣକୁ ନେଇ ଟ୍ରକ୍ ଗୁଡ଼ିକ ଆସିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା । କେତେଜଣ ପଡ଼ୋଶୀ ମୋ' ବିରୁଦ୍ଧରେ ଏକତ୍ରିତ ହୋଇଥିଲେ ଓ କାର୍ଯ୍ୟ ବନ୍ଦ କରିବା ପାଇଁ ଚିତ୍କାର କରିଥିଲେ । ମୁଁ କ'ଣ କରିବି, ଜାଣି ପାରିଲି ନାହିଁ ଓ ସଂପୃକ୍ତ କମ୍ପାନୀକୁ ମିଶ୍ରିତ କଂକ୍ରିଟ ଟ୍ରକ୍‌ଗୁଡ଼ିକୁ ଫେରାଇ ଦେଇଥିଲି । ମାତ୍ର ମୋତେ ଏହାର ମୂଲ୍ୟ ଦେବାକୁ ପଡ଼ିବ । କିନ୍ତୁ ଏହାର କିଛି ଦିନ ପରେ, ଈଶ୍ୱର ମୋତେ କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବାରେ ସାହାଯ୍ୟ କରିଥିଲେ ।

ଶେଷରେ, ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ, ମୁଁ ମୋର ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଗୃହର ଉତ୍ସର୍ଗୀକରଣ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରେରଣ କରିଥିଲି । ସେହି ସମୟ ବେଳକୁ ଯେଉଁ ଲୋକମାନେ ମୋ' ବିରୁଦ୍ଧରେ ଓ ପ୍ରଭୁଙ୍କ କାର୍ଯ୍ୟ ବିରୁଦ୍ଧରେ ଠିଆ ହୋଇଥିଲେ, ସେମାନେ ସମସ୍ତେ ଅଦୃଶ୍ୟ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପାରିବାରିକ ସମସ୍ୟା ଯୋଗୁ ସେହି ସ୍ଥାନ ପରିତ୍ୟାଗ କରିବାକୁ ପଡ଼ିଥିଲା, ଆଉ କେତେ ଜଣ ସେମାନଙ୍କର ସଂପତ୍ତି ବିକ୍ରି କରି ଚାଲି ଯାଇଥିଲେ ଓ ପ୍ରଭୁଙ୍କ କାର୍ଯ୍ୟକୁ ବିରୋଧ କରିଥିବା ସେହି ଲୋକମାନଙ୍କ ଜୀବନରେ ଅନେକ ଦୁଃଖଦ ଘଟଣା ଘଟିଥିଲା । ମାତ୍ର ସବୁଠାରୁ ଦୁଃଖର ବିଷୟ ଥିଲା ଯେ ମୁଁ ଆମର ଉତ୍ସର୍ଗୀକରଣ ଉତ୍ସବରେ ଯୋଗ ଦେବା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ସେମାନଙ୍କୁ ଖୋଜିବା ସମୟରେ, ସେମାନଙ୍କର କିମ୍ବା ସେମାନଙ୍କ ପରିବାରର କୌଣସି ଠିକଣା ପାଇ ପାରି ନ ଥିଲି । ବର୍ତ୍ତମାନ ପର୍ଯ୍ୟନ୍ତ, କେତେକ ଗୃହରେ ତାଲା ଝୁଲୁଛି ଓ ବହୁ ଦିନରୁ ସେଠାରେ କେହି ରହୁ ନାହାନ୍ତି । କେତେକ ଗୃହ ଧ୍ୱଂସ ହୋଇଯାଇଛି ଓ କେହି ସେଠାରେ ନାହାନ୍ତି ।

ବର୍ତ୍ତମାନ ପ୍ରଭୁଙ୍କ କାର୍ଯ୍ୟ ବିରୁଦ୍ଧରେ ଠିଆ ହେବା ପାଇଁ କେହି ନାହାନ୍ତି । ଆମ ପରିସରଟି ସେହି ଅଞ୍ଚଳରେ ସର୍ବାଧିକ ବ୍ୟସ୍ତ ବହୁଳ ସ୍ଥାନ ଅଟେ । ଲୋକମାନେ ସ୍ୱାଧୀନ ଭାବରେ ପ୍ରଭୁଙ୍କର ଉପାସନା କରୁଛନ୍ତି । ଈଶ୍ୱରଙ୍କ ରାଜ୍ୟ ସଂପ୍ରସାରଣ ପାଇଁ ଦିନରାତି ଅନେକ କାର୍ଯ୍ୟ ଚାଲିଛି । ବାଇବଲ କହିଛି : **"ସଦାପ୍ରଭୁ ତୁମ୍ଭ ବିରୁଦ୍ଧରେ ଉଠିବା ଶତ୍ରୁମାନଙ୍କୁ, ତୁମ୍ଭ ଆଗେ ଆଗେ ପରାସ୍ତ କରାଇବେ, ସେମାନେ ଏକ ପଥ ଦେଇ ତୁମ୍ଭ ବିରୁଦ୍ଧରେ ଆସିବେ, ମାତ୍ର ସାତପଥ ଦେଇ ତୁମ୍ଭ ସମ୍ମୁଖରୁ ପଳାଇବେ" (ଦ୍ୱିତୀୟ ବିବରଣ ୨୮:୭) । "...ତୁମ୍ଭେ ସେମାନଙ୍କୁ ଅନ୍ୱେଷଣ କରିବ, ମାତ୍ର ସେମାନଙ୍କର ଉଦ୍ଦେଶ୍ୟ ପାଇବ ନାହିଁ, ଯେଉଁମାନେ ତୁମ୍ଭ ସଙ୍ଗେ ଯୁଦ୍ଧ କରନ୍ତି, ସେମାନେ ଅବସ୍ତୁ ତୁଲ୍ୟ ଓ ଅକିଞ୍ଚନ ହେବେ" (ଯିଶାଇୟ ୪୧:୧୨) ।**

ପ୍ରିୟ ବନ୍ଧୁ, ଆପଣ ଉତ୍ତମ କାର୍ଯ୍ୟ କରିବାକୁ ଚେଷ୍ଟା କଲେ ସୁଦ୍ଧା ବଡ଼ ବିପଦ ଓ ଗଣ୍ଡଗୋଳ ମଧ୍ୟ ଦେଇ ଗତି କରୁଛନ୍ତି କି ? ଧୈର୍ଯ୍ୟ ଧରନ୍ତୁ ଓ ଈଶ୍ୱରଙ୍କ ପ୍ରତି ଦୃଷ୍ଟିପାତ କରନ୍ତୁ । ଯଦିଓ ଆପଣ ନିଜ ଜୀବନରେ ସବୁକିଛି ହରାଇ ଦେଇଛନ୍ତି, ତଥାପି ଏ ପର୍ଯ୍ୟନ୍ତ ଆପଣଙ୍କର ଭବିଷ୍ୟତ୍ ରହିଅଛି ।


************

କରୁଥିଲେ । କଳହ ସତ୍ତ୍ୱେ, ଅବଶାଲୋମଙ୍କର ଯେପରି କୌଣସି କ୍ଷତି ହେବ ନାହିଁ, ଏଥିପାଇଁ ଦାଉଦ ଆଦେଶ ଦେଇଥିଲେ । କିନ୍ତୁ, ଯୁଦ୍ଧ ସମୟରେ, ଯୋୟାବ ବିଜୟ ହାସଲ କରିଥିଲେ, ମାତ୍ର ଅବଶାଲୋମ ନିହତ ହୋଇଥିଲେ । ଏହି ଦୁଃଖଦ ସମ୍ବାଦ ଦାଉଦଙ୍କୁ ଜଣାଇବା ଆବଶ୍ୟକ ଥିଲା – ଏହି କାର୍ଯ୍ୟ ପାଇଁ ସମ୍ବେଦନର ଆବଶ୍ୟକତା ଥିଲା ।

ଦୁଇ ଜଣ ଦୌଡ଼ାଳୀ ସ୍ୱେଚ୍ଛାରେ ଦାଉଦଙ୍କ ନିକଯକୁ ବାର୍ତ୍ତା ନେବାର ଦାୟିତ୍ୱ ନେଇଥିଲେ । କିନ୍ତୁ, ସେହି ଦିନ ବାର୍ତ୍ତା ନ ଦେବା ପାଇଁ ଯୋୟାବ ଅହୀମାସଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ସେ ଅନ୍ୟ ସମୟରେ ତାଙ୍କ ନିକଟକୁ ଯାଇ ପାରିବେ ବୋଲି ପରାମର୍ଶ ଦେଇଥିଲେ । ଏହା ପରିବର୍ତ୍ତେ, ଯୋୟାବ ଜଣେ କୂଶୀୟ ବାର୍ତ୍ତାବହକୁ ମନୋନୀତ କରି, ସେ ଯାହା ଦେଖିଥିଲା ତାହା ଜଣାଇବା ପାଇଁ ତାକୁ ନିର୍ଦ୍ଦେଶ ଦେଇଥିଲେ । କୂଶୀୟ ବ୍ୟକ୍ତିଟି ଦୌଡ଼ିବା ଆରମ୍ଭ କରିଥିଲା, ମାତ୍ର ଅହୀମାସ ମଧ ତା' ସହିତ ଯିବେ ବୋଲି ଜିଦ କରିଥିଲେ । ଶେଷରେ, ସେ ଯୋୟାବଙ୍କୁ ଏହି ବିଷୟରେ ପ୍ରରୋଚିତ କରି ପାରିଥିଲେ । ଅହୀମାସ କ୍ଷିପ୍ର ଗତିରେ ଦୌଡୁଥିବାରୁ, କୂଶୀୟ ବ୍ୟକ୍ତିକୁ ପଛରେ ପକାଇ, ପ୍ରଥମେ ରାଜା ଦାଉଦଙ୍କ ନିକଟରେ ପହଞ୍ଚିଥିଲେ ।

ଦାଉଦ ଅତି ପ୍ରତ୍ୟାଶାର ସହିତ ଅପେକ୍ଷା କରିଥିଲେ । ସେଥିପାଇଁ, ସେ ଯୁଦ୍ଧର ଫଳାଫଳ ବିଷୟରେ ଅହୀମାସଙ୍କୁ ଆଗ୍ରହର ସହିତ ପଚାରିଥିଲେ । କିନ୍ତୁ, ନିଜର କ୍ଷିପ୍ର ଗତି ଓ ପ୍ରଚେଷ୍ଟା ସତ୍ତ୍ୱେ, ଅହୀମାସ ବିସ୍ତୃତ ଭାବରେ କିଛି ଜାଣି ନାହାନ୍ତି ବୋଲି ସ୍ୱୀକାର କଲେ : **"... ମୁଁ ମହା ଲୋକଗହଳ ଦେଖିଲି, ମାତ୍ର କ'ଣ ହେଲା, ତାହା ଜାଣି ନାହିଁ" (୨ ଶାମୁୟେଲ ୧୮:୨୯)** । ଯଦିଓ ସେ ଅବିଶ୍ରାନ୍ତ ଭାବରେ ବଡ଼ ସମର୍ପଣ ଓ ଧୈର୍ଯ୍ୟର ସହିତ ଦୌଡ଼ିଥିଲେ, ତଥାପି ଜଣାଇବା ପାଇଁ ତାଙ୍କ ନିକଟରେ କୌଣସି ଅର୍ଥପୂର୍ଣ୍ଣ ବାର୍ତ୍ତା ନ ଥିଲା ।

ଏହାର ବିପରୀତରେ, ଧୀର ଗତିରେ ଦୌଡ଼ିଥିଲେ ସୁଦ୍ଧା, କୂଶୀୟ ବ୍ୟକ୍ତି ବାର୍ତ୍ତାବହ ଭାବରେ ନିଜର ଦାୟିତ୍ୱ ସଂପନ୍ନ କରିଥିଲେ ।



**କୂଶୀୟ ବ୍ୟକ୍ତି କୌଶଳପୂର୍ବକ ଅବଶାଲୋମଙ୍କ ମୃତ୍ୟୁ ବିଷୟରେ ଦାଉଦଙ୍କୁ ସୂଚନା ଦେଇଥିଲେ ।**

ସେ ପହଞ୍ଚିବା ପରେ, ସ୍ପଷ୍ଟତା ଓ ସମ୍ବେଦନଶୀଳତାର ସହିତ ବାର୍ତ୍ତାଟି ଜଣାଇଥିଲା । ଦାଉଦଙ୍କ ପ୍ରଶ୍ନର ଉତ୍ତରରେ, ସେହି କୂଶୀୟ ବ୍ୟକ୍ତି କହିଥିଲା, **"ମୋ ପ୍ରଭୁ ମହାରାଜାଙ୍କ ସମ୍ମୁଖରେ ଓ ଆପଣଙ୍କ ଅମଙ୍ଗଳ କରିବା ପାଇଁ ଯେଉଁମାନେ ଆପଣଙ୍କ ବିରୁଦ୍ଧରେ ଉଠନ୍ତି, ସେମାନେ ସେହି ଯୁବା ଲୋକ ପରି ହୁଅନ୍ତୁ"** (୨ ଶାମୁୟେଲ ୧୮:୩୨) । ଏହା ସିଧାସଳଖ ନ ଜଣାଇ, ସେହି କୂଶୀୟ ଚତୁରତାର ସହିତ ଦାଉଦଙ୍କୁ ଅବଶାଲୋମଙ୍କ ମୃତ୍ୟୁ ବିଷୟରେ ଜଣାଇଥିଲା ।

ଅହୀମାସ ଓ ସେହି କୂଶୀୟ ଲୋକ ମଧରେ ଥିବା ପାର୍ଥକ୍ୟ ଉଲ୍ଲେଖଯୋଗ୍ୟ ଥିଲା । ଅହୀମାସ ଜଣେ ଉତ୍ତମ ଦୌଡ଼ାଳୀ ଥିଲେ, ମାତ୍ର ଜଣେ ଖରାପ ବାର୍ତ୍ତାବହ ଥିଲେ କାରଣ ତାଙ୍କଠାରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ନ ଥିଲା – ଯଥା, ବାର୍ତ୍ତା । ଜଣେ ବାର୍ତ୍ତାବହର ପ୍ରଥମ ଦାୟିତ୍ୱ ହେଉଛି ସଠିକ୍ ବାର୍ତ୍ତା ଜଣାଇବା ।

ଆମେ ଏହି ଅନୁଚ୍ଛେଦ ଉପରେ ଚିନ୍ତା କରୁଥିବା ସମୟରେ, ଆସନ୍ତୁ ଏଥିରେ ଥିବା ଶିକ୍ଷା ପ୍ରତି ମନୋଯୋଗୀ ହେବା, ଅହୀମାସଙ୍କ ଭଳି ଦୌଡ଼ନ୍ତୁ ନାହିଁ ।

ମୋର ପ୍ରିୟ ଭାଇ ଓ ଭଉଣୀମାନେ, ଆମେ ଏହି ବର୍ଷକୁ ଆରମ୍ଭ କରୁଥିବା ସମୟରେ, ଆସନ୍ତୁ, କେବଳ କ୍ଷିପ୍ର ଗତି ଓ ପ୍ରଚେଷ୍ଟାର ସହିତ ନୁହେଁ, ମାତ୍ର ଉଦ୍ଦେଶ୍ୟ ଓ ସ୍ପଷ୍ଟତାର ସହିତ ଦୌଡ଼ିବା । ଆସନ୍ତୁ, ଜିତିବା ପାଇଁ ଦୌଡ଼ିବା ।

************


# ଆମେ ଅତିଶୀଘ୍ର ଆବଶ୍ୟକ କରୁଅଛୁ

**ଆହ୍ୱାନର ପ୍ରତିଧ୍ୱନି କ୍ଷିପ୍ରଗତିରେ ସଂପ୍ରସାରିତ ହେଉଅଛି । ଆମେ ନିମ୍ନଲିଖିତ ପଦବୀଗୁଡ଼ିକ ନିମନ୍ତେ ମିଶନ-ମନୋଭାବ ବିଶିଷ୍ଟ, ସମର୍ପିତ ଓ ବିଶ୍ୱସ୍ତ ପୁରୁଷ ଓ ମହିଳାମାନଙ୍କୁ ଆବଶ୍ୟକ କରୁଅଛୁ :**

- ଆମର ମୁଖ୍ୟ ମଣ୍ଡଳୀ ନିମନ୍ତେ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ଚେନ୍ନାଇସ୍ଥିତ ଆମର ଶାଖା ମଣ୍ଡଳୀ ଗୁଡ଼ିକ ପାଇଁ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ସଂପୂର୍ଣ୍ଣ ସମୟ ସୁରକ୍ଷା କର୍ମୀ ।
- ଡିଟିପି ଅପରେଟର ଓ ଟାଇପିଷ୍ଟ ।
- ଇଂରାଜୀ ଓ ଅନ୍ୟ ଭାଷାଗୁଡ଼ିକୁ କହିବାରେ ଓ ଲେଖିବାରେ ଦକ୍ଷୟ ଲୋକମାନେ ।
- ପ୍ରଶାସନରେ ଆଗ୍ରହୀ ଅଫିସ ପରିଚାଳକମାନେ ।
- ସଂପୂର୍ଣ୍ଣ ସମୟ ବାଇବଲ କଲେଜ ଅଧ୍ୟାପକମାନେ ।
- ଆମର ସେବାକାର୍ଯ୍ୟର ବିକାଶ କରିପାରୁଥିବା ସ୍ୱେଚ୍ଛା ସେବୀମାନେ ।
- ସଂପୂର୍ଣ୍ଣ ସମୟ ଡ୍ରାଇଭର୍ ।
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧକ୍ଷ ଓ ଶିକ୍ଷକଗଣ ।
- ସଂପୂର୍ଣ୍ଣ ସମୟ ରାନ୍ଧୁଣିଆ (ମହିଳା) ।
- ସଂପୂର୍ଣ୍ଣ ସମୟ ଗୃହ ସହାୟକ କର୍ମଚାରୀ ।

**ଯୋଗ୍ୟତା ଓ ଅନୁଭୂତି ଉପରେ ଦରମା ଦିଆଯିବ**

Please Contact **ECHO OF HIS CALL** office
**Apply at Whatsapp No : 98412 71858**
**Email : sam@echoofhiscall.org**

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

-ସଂପାଦକ -

## OUR BANK DETAILS:

### *1. Bank : State Bank of India*

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |
| SWIFT CODE | : **SBI NIN BB 455** |

### *2. Bank : ICICI Bank*

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ - ଟ. ୧୦୦/- ଆଜୀବନ ସଭ୍ୟଚାନ୍ଦା - ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।


**ଆମର ଠିକଣା :**

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th FEBRUARY 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**